**ସେଣ୍ଟ୍ରିଂ ଖସି ମହିଳା ଶ୍ରମିକ ଆହତ**

ଆସିକା, (ସୁରେନ୍ଦ୍ର ନାଥ ସାହୁ) ଆସିକା ସରକାରୀ ଚିକିତ୍ସାଳୟ ମୁଖ୍ୟ ଫାଟକର ନିର୍ମାଣ କାର୍ଯ୍ୟ ଚାଲିଥିଲା ବେଳେ ନିର୍ମାଣାଧୀନ ବିମ ସେଣ୍ଟ୍ରିଂ ଖସି ଜଣେ ମହିଳା ଶ୍ରମିକ ଆହତ ହୋଇଛନ୍ତି । ସେ ହେଲେ ଆସିକା ଏନଏସି ତୋଟା ସାହିର ଲଇଲା ଦାସ । ଲଇଲା ତଳେ ରହି କାମ କରୁଥିବା ବେଳେ ବିମ ତଳେ ଦିଆଯାଇଥିବା ସେଣ୍ଟ୍ରିଂ ଭୁଶୁଡି ତାଙ୍କ ଉପରେ ପଡିଥିଲା । ଚିକିତ୍ସା ଲାଗି ତାଙ୍କୁ ସେହି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଜଣାପଡିଛି ।



## ୧୦ ଭରି ସୁନା ଅଳଙ୍କାର ଚୋରି

ବ୍ରହ୍ମପୁର,୨୬।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ଟାଉନ ଥାନା ଅନ୍ତର୍ଗତ ମିଲିଟାରୀଲାଇନ ୨ୟ ଗଳିରେ ରହୁଥିବା ରାଧାରାଣୀ ପାତ୍ରଙ୍କ ଘରୁ ୧୦ଭରିର ସୁନା ଅଳଙ୍କାର ଚୋରି ହୋଇଛି। ଘରେ କାର୍ଯ୍ୟ କରୁଥିବା ପରିଚାଳିକା ଏହି ସୁନା ଗହଣା ଚୋରାଇ ନେଇଥିବା ସେ ଅଭିଯୋଗ କରିଛନ୍ତି। ପୋଲିସ ୫୦୮/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ରାଧାରାଣୀଙ୍କ ଘରେ କାମ କରୁଥିବା ପରିଚାଳିକା ଜଣଙ୍କ ଗତ ୨୦ ତାରିଖରେ ଚତୁରତାର ଆଲମିରା ଚାବି ଖୋଲିଥିଲେ। ଏହାକୁ ରାଧାରାଣୀଙ୍କ ବଡପୁଅ ଦେଖିଥିଲେ। ପରେ ଆଲମିରା ଭିତରେ ଥିବା ୧୦ ଭରି ଓଜନର ସୁନା ଅଳଙ୍କାର ନ ଥିବା ଦେଖି ରାଧାରାଣୀ ସମ୍ପୃକ୍ତ ପରିଚାଳିକାଙ୍କୁ ପଚରାଉଚରା କରିଥିଲେ। ଶେଷରେ ସେ ଅଳଙ୍କାର ନେଇଯାଇଥିବା ସ୍ୱୀକାର କରିଥିଲେ। ସେ ସମସ୍ତ ସୁନା ଅଳଙ୍କାର ଫେରାଇ ଦେବେ ବୋଲି ଗୃହକର୍ତ୍ତାଙ୍କୁ କହିଥିଲେ। ହେଲେ ଠିକ୍ ସମୟରେ ପରିଚାଳିକା ଜଣଙ୍କ ସୁନା ଅଳଙ୍କାର ନ ଫେରାଇବାରୁ ରାଧାରାଣୀ ଥାନାରେ ଅଭିଯୋଗ କରିଛନ୍ତି।

# ଆବର୍ଜନା ଦୁର୍ଗନ୍ଧରେ ଅତିଷ୍ଠ ସହରବାସୀ

### ଟେଣ୍ଡର ଅନୁମୋଦନକୁ ବିଏମ୍‌ସିର ଅପେକ୍ଷା

ବ୍ରହ୍ମପୁର,୨୬।୧୧(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ଚଳିତବର୍ଷ ନିଗମ ସ୍ୱଚ୍ଛ ସର୍ବେକ୍ଷଣ ଦୌଡରେ ସର୍ବାଧିକ ଜନମତ ସଂଗ୍ରହ କରିଛି। ସହରର ପରିମଳ ଦାୟିତ୍ୱ ବିଏମସିର ସାନିଟେସନ ବିଭାଗ ହାତରେ ରହିଛି। ମହାନଗରର ୪୨ ୱାର୍ଡରେ ଘର ଘର ବୁଲି ଆବର୍ଜନା ସଂଗ୍ରହ ନିମନ୍ତେ ୫୬ଟି ବୁହା ଗାଡି ରହିଛି। ସଂଗୃହୀତ ଆବର୍ଜନାକୁ ନୂଆ ବସଷ୍ଟାଣ୍ଡ, ଧାନମେରା ସାହି, ଆମ୍ବ ମାର୍କେଟ ରୋଡ ଓ ଗୋସାଣିନୂଆଗାଁଠାରେ ଥିବା ଆବର୍ଜନା ପଏଣ୍ଟରେ ପକାଯାଉଛି। ସେଠାରେ ଓଦା ଏବଂ ଶୁଖିଲା ଆବର୍ଜନା ଅଲଗା କରି ଟ୍ରକରେ ମହୁଡା ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟକୁ ପଠାଯିବା ବ୍ୟବସ୍ଥା ରହିଛି। ସେହିପରି ରାସ୍ତା ସଫେଇ ନିମନ୍ତେ ନିଗମ ପକ୍ଷରୁ ସଫେଇ କର୍ମଚାରୀମାନେ ସକାଳ ୬ରୁ ୧୦ଟା ଓ ସନ୍ଧ୍ୟା ୬ରୁ ରାତ୍ରି ୧୦ଟା ଯାଏଁ ସହରକୁ ସଫା କରୁଛନ୍ତି। ସଂଗୃହୀତ ଆବର୍ଜନାକୁ ବିଏମସି ପକ୍ଷରୁ ହୋଇଥିବା ଭୂତଳ ଆବର୍ଜନା ସଂଗ୍ରହ ଡଷ୍ଟବିନରେ ପକାଯାଉଛି। କିନ୍ତୁ ଏହି ଡଷ୍ଟବିନ ଗୁଡିକରେ ଆବର୍ଜନା ପଡି ରହୁଥିବାରୁ ସହରବାସୀ ଦୁର୍ଗନ୍ଧରେ ଅତିଷ୍ଠ ହୋଇପଡୁଛନ୍ତି। ବିଏମ୍‌ସି ସାନିଟେସନ ବିଭାଗର ଦାୟିତ୍ୱ ହୀନତାରୁ ଏଭଳି ସମସ୍ୟା ଉପୁଜୁଥିବା ଅଭିଯୋଗ ହୋଇଛି।

ବିଏମସି ପକ୍ଷରୁ ୨୦୧୯ରେ ଭୂତଳ ଡଷ୍ଟବିନ ଯୋଜନା ହାତକୁ ନିଆଯାଇଥିଲା। ସହର ମଧ୍ୟରେ ଷ୍ଟେଶନ ସର୍କିଟ ହାଉସ ନିକଟସ୍ଥ, ବିଜିପୁର ଟ୍ୟାଙ୍କ ରୋଡ, ରାମଲିଙ୍ଗେଶ୍ୱର ଟ୍ୟାଙ୍କ ରୋଡ, ଗୋକର୍ଣ୍ଣେଶ୍ୱର ମନ୍ଦିର ନିକଟ, ଧାନମେରା ସାହି ଓ ପଞ୍ଚୁଦେଉଳ ସାହି ଭଳି ପ୍ରାୟ ୮୦ ସ୍ଥାନରେ ଭୂତଳ ଆବର୍ଜନା ସଂଗ୍ରହ ଡଷ୍ଟବିନ ସ୍ଥାପନ କରାଯାଇଥିଲା। ଏଥିନିମନ୍ତେ ଯୋଷ୍ଟା ନାମକ ଘରୋଇ ସଂସ୍ଥାକୁ ୪ ବର୍ଷ ପାଇଁ ଟେଣ୍ଡର ପ୍ରଦାନ କରାଯାଇଥିଲା। ଉକ୍ତ ସଂସ୍ଥା ଆବର୍ଜନାଗୁଡିକୁ ମହୁଡା ପ୍ରକଳ୍ପକୁ ପଠାଇବା ଦାୟିତ୍ୱ ନିର୍ବାହ କରୁଥିଲା। କିନ୍ତୁ ବର୍ତ୍ତମାନ ଉକ୍ତ ଘରୋଇ ସଂସ୍ଥାର ଟେଣ୍ଡର ସରିଯାଇଛି। ତେଣୁ ବିଭିନ୍ନ ସ୍ଥାନରେ କୁଢ କୁଢ ଆବର୍ଜନା ପଡି ରହିଛି। ବିଏମସି କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ତଥ୍ୟ ମୁତାବକ, ବର୍ତ୍ତମାନ ସହରରେ ୫ଟି ଜୋନରେ ରହିଥିବା ଆବର୍ଜନା ପଏଣ୍ଟରୁ ଆବର୍ଜନା ସଂଗ୍ରହ ପାଇଁ ନୂତନ ଟେଣ୍ଡର ହୋଇଛି। ପ୍ରତ୍ୟୁଷ, ସଫେଇ ମିତ୍ର ଓ ଏମଆରପି ନାମକ ଘରୋଇ ସଂସ୍ଥାକୁ ଟେଣ୍ଡର ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ଅନୁମୋଦନ ମିଳିଲେ ଘରୋଇ ସଂସ୍ଥା ପକ୍ଷରୁ ସଫେଇ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ମିଳିଛି। ଏ ନେଇ ବିଏମସି ଡେପୁଟି କମିଶନରଙ୍କୁ ପଚାରିବାରୁ ସେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଛନ୍ତି। ଅନ୍ୟପଟେ ପରିମଳକୁ ସୁଧାରିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ସହରବାସୀ ଦାବି କରିଛନ୍ତି।


ବିଜିପୁର ଟ୍ୟାଙ୍କ ରୋଡରେ ଜମି ରହିଥିବା ଆବର୍ଜନା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com


@ ବିଭୂ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।




## ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ସମ୍ବିଧାନ ଦିବସ

ବ୍ରହ୍ମପୁର,୨୬।୧୧(ତନୁଶ୍ରୀ ନାହାକ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ରାଜନୀତି ବିଜ୍ଞାନ ବିଭାଗ ଓ ଜାତୀୟ ସେବା ଯୋଜନା ଶାଖା ମିଳିତ ଭାବେ ରବିବାର ସମ୍ବିଧାନ ଦିବସ ପାଳିଛନ୍ତି। ସଭା ପ୍ରାରମ୍ଭରେ ଆମ୍ବେଡକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦିଆଯାଇଥିଲା। ଜାତୀୟ ସେବା ଯୋଜନାର କାର୍ଯ୍ୟକାରୀ ଅଧିକାରୀ ଡଃ ଶଙ୍କର୍ଷଣ ମଲିକ ସଭା ପରିଚାଳନା କରିଥିଲେ। ଏନ.ଏସ.ଏସ.ର ବ୍ୟୁରୋ ଅଧିକାରୀ ସୌମ୍ୟଶ୍ରୀ ସାହୁ ସହଯୋଗ କରିଥିଲେ। ବିଭାଗୀୟ ସଂଯୋଜକ ଡଃ ରାଜେଶ ସେଠ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମ୍ବିଧାନର ମୂଲ୍ୟବୋଧର ସମ୍ୟକ ଅନୁଶୀଳନ କରିଥିଲେ। ସମ୍ବିଧାନର ସୁରକ୍ଷା ପାଇଁ ସମସ୍ତେ ଶପଥ ପାଠ କରିଥିଲେ। ଡଃ ଶଙ୍କର୍ଷଣ ମଲିକ ଜାତୀୟ ସେବା ଶାଖା ମାଧ୍ୟମରେ ବିଦ୍ୟାର୍ଥୀମାନେ ଗାଁ ଗାଁରେ ସାମ୍ବିଧାନିକ ମୂଲ୍ୟବୋଧ ଓ ଜାତୀୟ ଚେତନାର ପ୍ରସାର ଓ ପ୍ରଚାର ନିମନ୍ତେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ବିଭାଗୀୟ ଅଧ୍ୟାପକ ଡଃ ଶାରଦା ପ୍ରସନ୍ନ ରାଉତ, ଡଃ ସୌମେନ୍ଦ୍ର ମହାନ୍ତି, ଡଃ କିର୍ତ୍ତୀମୟୀ ରାଉତରାୟ ଉପସ୍ଥିତ ଥିଲେ। ରାଜନୀତି ବିଜ୍ଞାନର ଅଧ୍ୟାପକ ତଥା ଲୋକ ପ୍ରଶାସନ ବିଭାଗର ସଂଯୋଜକ ସଞ୍ଜୟ ମେହେର ଧନ୍ୟବାଦ ଦେଇଥିଲେ।

## ୩୦୦ବର୍ଷର ଅଘୋରୀ ମଠ ହେବ ପୁନରୁଦ୍ଧାର

ବ୍ରହ୍ମପୁର,୨୬।୧୧(ଅଶୋକ କୁମାର ସାହୁ)

ବ୍ରହ୍ମପୁର ନିକଟ ସୁକୁଣ୍ଡା ଗ୍ରାମ ନିକଟରେ ଥିବା ଅଘୋରୀ ମଠ ପୁନରୁଦ୍ଧାର ହେବ। ଏହା ପ୍ରାକୃତିକ ସୌନ୍ଦର୍ଯ୍ୟ ମଧ୍ୟରେ ଥିବା ଏହି ମଠ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ। ତେଣୁ ଏହାର ପୁନରୁଦ୍ଧାର ଜରୁରୀ ବୋଲି ରବିବାର ବ୍ରହ୍ମପୁର ମହାନଗର ନିଗମର ମେୟର ସଂଘମିତ୍ରା ଦଳେଇ ପ୍ରକାଶ କରିଛନ୍ତି। ଅଘୋରୀ ମଠ ଉନ୍ନୟନ କମିଟି ପକ୍ଷରୁ ଏହି ଅବହେଳିତ ପୀଠର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ମନ୍ଦିର ରୂପାନ୍ତରଣ ପାଇଁ ପ୍ରଥମ ପର୍ଯ୍ୟାୟରେ ୫ ଲକ୍ଷ ଟଙ୍କା ଅନୁଦାନ ଆସିଛି। ଏହା ପ୍ରାୟ ୩୦୦ ବର୍ଷ ତଳର ମଠ ହୋଇଥିବାବେଳେ ଏଠାରେ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଏବଂ ମା' ଚଣ୍ଡୀ ପୂଜା ପାଉଛନ୍ତି। ମଠର ପୁନରୁଦ୍ଧାର ପାଇଁ ସମସ୍ତଙ୍କ ସହଯୋଗ ଦରକାର ବୋଲି କମିଟି ପକ୍ଷରୁ ଅନୁରୋଧ କରାଯାଇଥିଲା। ଅନୁରୋଧକ୍ରମେ ପରିଦର୍ଶନ ପାଇଁ ରବିବାର ମେୟର ଓ ଗଞ୍ଜାମ ଜିଲା ବିଜେଡି ଉପସଭାପତି ଭୀମସେନ ଦଳେଇ ପହଞ୍ଚିବା ପରେ ତାଙ୍କୁ ଗ୍ରାମବାସୀ ଓ କମିଟିର ସଦସ୍ୟ ସ୍ୱାଗତ କରିଥିଲେ। ଉଭୟେ ଉକ୍ତ ମଠ ପରିଦର୍ଶନ କରିଥିଲେ। ଆଗାମୀ ଦିନରେ ଏହି ସ୍ଥାନକୁ ପର୍ଯ୍ୟଟନସ୍ଥଳରେ ପରିଣତ କରିବାକୁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି।







## ୧୩ ସେଣ୍ଟରରେ ୮୫୭୪ ପରୀକ୍ଷାର୍ଥୀ

### ପୋଲିସ ଉପ ଆରକ୍ଷୀ ନିରୀକ୍ଷକ ପରୀକ୍ଷା

ବ୍ରହ୍ମପୁର,୨୬।୧୧(ସୁବାସ ଚନ୍ଦ୍ର ପାଢ଼ୀ): ଓଡ଼ିଶା ପୋଲିସ ନିଯୁକ୍ତି ବୋର୍ଡ ପକ୍ଷରୁ ରବିବାର ରାଜ୍ୟରେ ପୋଲିସ ଉପଆରକ୍ଷୀ ନିରୀକ୍ଷକ (ସବ ଇନ୍ସପେକ୍ଟର) ଚାକିରି ନିମନ୍ତେ ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁରରେ ଏସପି ଡ଼. ସର୍ବଣା ବିବେକ ଏମ.ଙ୍କ ନେତୃତ୍ୱରେ ଏହି ପରୀକ୍ଷା ପରିଚାଳନା କରାଯାଇଛି। ସହରରେ ମୋଟ ୧୩ଟି ପରୀକ୍ଷା କେନ୍ଦ୍ର ହୋଇଥିଲା। ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଗିରିରୋଡ ସ୍ଥିତି ଭିଭିଗିରି ବାଳିକା ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟ, ଶଶିଭୂଷଣ ରଥ ସରକାରୀ ମହିଳା ବିଦ୍ୟାଳୟ ଆଦି ୧୩ଟି ଶିକ୍ଷାନୁଷ୍ଠାନ କେନ୍ଦ୍ରରେ ୨୦୨୧ରେ ଆବେଦନ କରିଥିବା ପରୀକ୍ଷାର୍ଥୀଙ୍କ ଲିଖିତ ପରୀକ୍ଷା କରାଯାଇଥିଲା। ଏହି ସେଣ୍ଟରଗୁଡିକରେ ଆଖପାଖ ଅଞ୍ଚଳର ୮୫୭୪ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେହିପରି ସୋମବାର ଅଗ୍ନିଶମ ବିଭାଗ ପକ୍ଷରୁ ଆଗ୍ନିକ ଓ ଆଗ୍ନିକ ଡ୍ରାଇଭର ପାଇଁ ପରୀକ୍ଷା ହେବ। ଏଥିରେ ପ୍ରାୟ ୧୨ ହଜାର ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି ଏସ୍‌ପି କହିଛନ୍ତି।

## ଆନ୍ତଃବିଦ୍ୟାଳୟ ହ୍ୟାଣ୍ଡବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବ୍ରହ୍ମପୁର,୨୬।୧୧(ତନୁଶ୍ରୀ ନାହାକ): ଖଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆରେ ଗଞ୍ଜାମ ଜିଲା ହ୍ୟାଣ୍ଡବଲ ସଂଘ ପକ୍ଷରୁ ରବିବାର ଆନ୍ତଃବିଦ୍ୟାଳୟ ହ୍ୟାଣ୍ଡବଲ ଟୁର୍ନାମେଣ୍ଟ ଉଦଘାଟିତ ହୋଇଛି। ମୁଖ୍ୟ ଅତିଥି ରୂପେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ସମ୍ମାନନୀୟ ଅତିଥି ରୂପେ ଜିଲା ବିଜେଡି ସଭାପତି ଡଃ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ସ୍ଥାନୀୟ କର୍ପୋରେଟର ପ୍ରଦୀପ କୁମାର ଶତପଥୀ, ବ୍ରହ୍ମପୁର ଷ୍ଟାଡିୟମ ଇନଚାର୍ଜ ଗୋପାଳ ଦାସ, ଆଲଫା କ୍ରିକେଟ ସମ୍ପାଦକ ବିଜୟ କୁମାର ସିଂ ସାମନ୍ତ ପ୍ରମୁଖ ଅତିଥି ଥିଲେ। ଟୁର୍ନାମେଣ୍ଟରେ ଅଂଶ ଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଆଗାମୀ ଦିନରେ ହେବାକୁ ଥିବା ନ୍ୟାଶନାଲ ଚାମ୍ପିୟନଶିପ ପ୍ରତିଯୋଗିତା ନିମନ୍ତେ ସିଂଥେଟିକ ହ୍ୟାଣ୍ଡବଲ ଗ୍ରାଉଣ୍ଡର ବ୍ୟବସ୍ଥା କରାଯିବ ବୋଲି ମେୟର ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମକୁ ଗଞ୍ଜାମ ଜିଲା ହ୍ୟାଣ୍ଡବଲ ସଂଘ ସମ୍ପାଦକ ସୁରେଶ ଚନ୍ଦ୍ର ପାଢୀ, ଏନ.ଆଇ.ଏସ କୋଚ ତଥା ଅନ୍ତର୍ଜାତୀୟ ରେଫରି ପ୍ରଶାନ୍ତ କୁମାର ରଥ, ଜିଲା ହ୍ୟାଣ୍ଡବଲ ସଂଘର କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ଶୁକ୍ଳା, କୋଷାଧ୍ୟକ୍ଷ ଡାକ୍ତର ସିଏଚ ମନୋଜ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟରେ ୩୨ ଦଳ ଭାଗ ନେଇଥିବା ସଂଘ ସମ୍ପାଦକ ସୁରେଶ ପାଢ଼ୀ କହିଛନ୍ତି। ରେଫରି ଭାବେ ବି ସନ୍ଦୀପ ପାତ୍ର, ଦୀପକ ମହାନ୍ତି, ଅଭିନାଶ ମେଦି, ବିକାଶ ସାମଲ, ରଜତ ପାତ୍ର, ପ୍ରୋମଦ ପଟ୍ଟନାୟକ, ରୋଷନ ସେଠି, ଉତ୍ତମ ନାୟକ, ରାମାସିଶ, ଜି. ଜ୍ୟୋତି ପାତ୍ର, ବର୍ଷା ବେହେରା, ବର୍ଷା ସେଠି ଓ ସ୍ୱାଗତିକା ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।






## ସଂକ୍ଷେପରେ

### ସମ୍ବିଧାନ ଦିବସ ପାଳିତ

ଛତ୍ରପୁର, ୨୬।୧୧(ଦିଲ୍ଲୀପ ସାମଲ)

ସ୍ଥାନୀୟ ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ ଛତ୍ରପୁର ତାଲୁକ ଆଇନ ସେବା କମିଟି ପକ୍ଷରୁ ଅତିରିକ୍ତ ଜିଲା ଦୌରାଜଜ ତଥା କମିଟି ଅଧ୍ୟକ୍ଷ ମନୋରଞ୍ଜନ ଦାଶଙ୍କ ପୌରହିତରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏସ୍‌ଡିଜେଏମ ପ୍ରିତିଶ କୁମାର ରଥ, ଛତ୍ରପୁର ଓକିଲ ସଂଘର ସଭାପତି ପ୍ରଦୀପ କୁମାର ପାଢ଼ୀ, ସମ୍ପାଦକ ଏଲ. ଗୋପାଳ ରାଓ, ତାଲୁକ ଆଇନ ସେବା କମିଟିର ସଭ୍ୟ ମନୋଜ କୁମାର ପାଢ଼ୀ ଓ ସୁରଜିତ ସାମନ୍ତରାୟ, ବରିଷ୍ଠ ଓକିଲ ବିଜୟ କୃଷ୍ଣ ପଟ୍ଟନାୟକ, ରାମଚନ୍ଦ୍ର ବେହେରା, ସୁରେଶ କୁମାର ପଣ୍ଡା ଯୋଗଦେଇ ଏହି ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ସରକାରୀ ଓକିଲ ଭୈରବୀ କୁମାର ପଟ୍ଟନାୟକ ଓ ଡମିନାଥ ସାହୁ, ନରସିଂହ ପାଢ଼ୀଙ୍କ ସମେତ ବହୁ ଆଇନଜୀବୀମାନେ ଉପସ୍ଥିତ ଥିଲେ।

### ଜାତୀୟ ଦୁଗ୍ଧ ଦିବସ ପାଳିତ

ଛତ୍ରପୁର, ୨୬।୧୧(ଦିଲ୍ଲୀପ ସାମଲ)

ସ୍ଥାନୀୟ ଜଉଗଡ଼ ସମ୍ମିଳନୀ କକ୍ଷରେ ଜାତୀୟ ଦୁଗ୍ଧ ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବ ଉଭୟ ପ୍ରାଣୀ ସମ୍ପଦ ବିଭାଗ ଓ ଓମଫେଡ ବିଭାଗର ମିଳିତ ସହଯୋଗରେ ପ୍ରଥମ କରି ଆହୂତ ହୋଇଥିଲା । ଏହି ସମ୍ମିଳନୀରେ ଜିଲାର ୩୫ ଜଣ ଚାଷୀ ଓ ୧୫ ଜଣ ପ୍ରାଣୀ ଚିକିତ୍ସକ ଯୋଗ ଦେଇଥିଲେ । ରାଜ୍ୟସ୍ତରରେ ଆୟୋଜିତ ସମ୍ମିଳନୀରେ ବିଭାଗୀୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରମୁଖ ଶାସନ ସଚିବ, ନିର୍ଦ୍ଦେଶକ, ଓ ଓମଫେଡର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ବିଭିନ୍ନ ଜିଲାରେ ଆହୁତ ସମ୍ମିଳନୀରେ ଯୋଗଦେଇଥିବା ଚାଷୀମାନଙ୍କୁ ଇଣ୍ଟରନେଟ ମାଧ୍ୟମରେ ସଂଯୁକ୍ତ କରାଯାଇଥିଲା। ଦୁଗ୍ଧ ବିପ୍ଳବର ଜନକ ଡଃ ଭର୍ଗୀସ କୁରିଅନଙ୍କ ଜନ୍ମ ତିଥିକୁ ଜାତୀୟ ଦୁଗ୍ଧ ଦିବସ ରୂପେ ୨୦୨୩ରୁ ପ୍ରଥମ ଥର ପାଇଁ ପାଳିତ ହୋଇଅଛି । ବ୍ରହ୍ମପୁର ଡାଇରୀକୁ ବ୍ୟବସାୟିକ ଅଭିବୃଦ୍ଧି ନିମନ୍ତେ ଶ୍ରେଷ୍ଠ ଡାଇରୀ ହିସାବରେ ପୁରସ୍କୃତ କରାଯାଇଥିଲା। ଏହି ସମ୍ମାନକୁ ଗଞ୍ଜାମ ଦୁଗ୍ଧ ଚାଷୀ ସଂଗଠନର ସଭାପତି ଏମ ଗଣପତି ଗ୍ରହଣ କରିଥିଲେ । ପରେ ଜିଲାର ଅଧିକାରୀ ସିଡିଭିଓ ଡଃ ମନୋଜ କୁମାର ସାହୁ, ଉପ ନିର୍ଦ୍ଦେଶକ ଡାଃ ଶୁଭ୍ରକାନ୍ତ ମହାନ୍ତି, ଏସଡିଭିଓ ଡଃ ଅରବିନ୍ଦ ବେହେରା ଓ ଡଃ ଦେବାନନ୍ଦ ପାତ୍ର, ଅତିରିକ୍ତ ଜିଲା ପ୍ରାଣୀ ସମ୍ପଦ ଅଧିକାରୀ ଡଃ ତରୁଣ ପାତ୍ର ଓ ଅନ୍ୟାନ୍ୟ ପ୍ରାଣୀ ଚିକିତ୍ସକମାନେ ଚାଷୀମାନଙ୍କ ଉଦ୍ଦେଶ୍ୟରେ ଗୋ ପାଳନକୁ ପ୍ରୋତ୍ସାହନ ଦେବା ନିମନ୍ତେ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ଛତ୍ରପୁର ପ୍ରାଣୀ ଚିକିତ୍ସକ ଡଃ ପତିତପାବନ ରଥ ପରିଚାଳନା କରିଥିଲେ।

### ରମ୍ଭା ହାଇସ୍କୁଲରେ ଏନ୍‌ସିସି ଦିବସ

ରମ୍ଭା, ୨୬।୧୧(ବନବାସୀ ସେଠୀ)

ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରାଙ୍କ ନେତୃତ୍ୱରେ ଏବଂ ସମର ଶିକ୍ଷାର୍ଥୀ ବାହିନୀ ଶିକ୍ଷକ ଅଜିତ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ୫୦ଜଣ ଛାତ୍ରଙ୍କୁ ନେଇ ଏନସିସି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରମାନେ ସଡ଼କ ସୁରକ୍ଷା ପାଇଁ ରାସ୍ତାରେ ଯାଉଥିବା ଗାଡ଼ି ଚାଳକମାନଙ୍କୁ ହେଲମେଟ ପିନ୍ଧିବା ପାଇଁ ନିବେଦନ କରି ସେମାନଙ୍କର ଓ ସେମାନଙ୍କ ପରିବାର ସୁରକ୍ଷାର ସତର୍କତା ବୁଝାଇଥିଲେ। ଗ୍ରାମ ପରିକ୍ରମା କରି ସ୍ଥାନେ ସ୍ଥାନେ ଅଳିଆ ସଫା କରିଥିଲେ ଏବଂ ରମ୍ଭା ଥାନା ପରିସରରେ ସଫେଇ କାର୍ଯ୍ୟ କରିଥିଲେ।

### ଓଡ଼ିଆ ଭାଷା ସାହିତ୍ୟର ଆଲୋଚନାଚକ୍ର

କୋଦଳା, ୨୬।୧୧(ଅମିତ କୁମାର ପଟ୍ଟନାୟକ)

କୋଦଳା ଲକ୍ଷ୍ମୀ ନାରାୟଣ ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ରଘୁନାଥ ମୁଦୁଲିଙ୍କ ସଭାପତିତ୍ୱରେ ଓଡ଼ିଆ ଭାଷା ସାହିତ୍ୟର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପରିଚାଳନା ପରିଷଦ ଅଧ୍ୟକ୍ଷ ଏସ୍. ସୂର୍ଯ୍ୟନାରାୟଣ ଦୋରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅନ୍ତ ଗୁଣବତ୍ତା ବର୍ଦ୍ଧକର ସଂଯୋଜକ ଡ. ବିଷ୍ଣୁ ନାରାୟଣ ସେଠି, କେଶପୁର ମହାବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ବିଷ୍ଣୁ ପ୍ରସାଦ ଦାସ ଯୋଗଦେଇ ନାରୀ ଚରିତ୍ର, ଫକୀରମୋହନ ସାହିତ୍ୟ ଏବଂ ଓଡ଼ିଆ ଭାଷା ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ବିଭଗୀୟ ମୁଖ୍ୟ ରଞ୍ଜୁବଳା ନନ୍ଦ, ଆଲୋଚନାଚକ୍ର ସଂଯୋଜକ ସାଗର ଚନ୍ଦ୍ର ପାତ୍ର ଏବଂ ଛାତ୍ରୀଛାତ୍ରମାନେ ବକ୍ତବ୍ୟ ରଖିଥିବା ବେଳେ ଅଧାପିକା ଜୋସ୍ନାରାଣୀ ସାହୁ ଧନ୍ୟବାଦ ଦେଇଥିଲେ।

# ବେଆଇନ ମଦ ବ୍ୟବସାୟ ମୁଖ୍ୟ କାରଣ, ୫ ଗିରଫ

ଖଲ୍ଲିକୋଟ, ୨୬।୧୧(ପ୍ରଶାନ୍ତ କୁମାର ମିଶ୍ର)


ଗିରଫ ଅଭିଯୁକ୍ତ ସହ ଜବତ ମାରଣାସ୍ତ୍ର।

**ହରିପୁର ବୋମାମାଡ଼ ଘଟଣା**
■୩ ଖଣ୍ଡା, ୫ ଜୀବନ୍ତ ବୋମା ଜବତ

ଖଲ୍ଲିକୋଟ ଥାନା ଅନ୍ତର୍ଗତ ହରିପୁର ଗ୍ରାମରେ ଶନିବାର ହୋଇଥିବା ବୋମାମାଡ଼ର ମୁଖ୍ୟ କାରଣ ହେଉଛି ପୂର୍ବ ଶତ୍ରୁତା ଓ ବେଆଇନ ମଦ ବ୍ୟବସାୟ ବୋଲି ପୋଲିସ କହିଛି। ବୋମା ମାଡ଼ରେ ଗ୍ରାମର ନିଳାଞ୍ଚଳ ଦାସ ଓ ଶୂନ୍ୟବାସ ଦାସ ଗୁରୁତର ଆହତ ହୋଇଥିଲେ। ଅପରପକ୍ଷରେ ଅପହରଣ ହୋଇଥିବା ନାବାଳକ ସୁଶାନ୍ତ ଦାସଙ୍କୁ ପୋଲିସ ବ୍ରାହ୍ମଣଦେଇ ପାହାଡ଼ ନିକଟରୁ ଉଦ୍ଧାର କରିଛି। ଅପହରଣ ଓ ବୋମା ମାଡ କରିଥିବା ଅଭିଯୋଗରେ ସେହି ଗ୍ରାମର ଅଜୟ ଦାସ, ବିଭୁ ଦାସ, ଅଶୋକ ଦାସ, ଅନୀଲ ଦାସ ଓରଫ ପୋଡା ଓ ରବି ଦାସଙ୍କୁ ପୋଲିସ ଗିରଫ କରିଛି।

ପ୍ରକାଶ ଯେ, ବୋମା ମାଡ଼ରେ ଆହତ ନିଳାଞ୍ଚଳ ଓ ସେହି ଗ୍ରାମର ନିରଞ୍ଜନ ଦାସଙ୍କ ପରିବାର ମଧ୍ୟର ମଦ ବ୍ୟବସାୟକୁ ନେଇ ପୂର୍ବରୁ ଶତ୍ରୁତା ରହିଆସିଛି। ପୂର୍ବରୁ ନିଳାଞ୍ଚଳଙ୍କ ପରିବାର ତରଫରୁ ହୋଇଥିବା ଆକ୍ରମଣରେ ନିରଞ୍ଜନଙ୍କ ବାପା ବଂଶୀଧର ଦାସ ଆହତ ହୋଇଥିଲେ। ତାଙ୍କର ଗୋଡ଼ରେ ଆଘାତ ହୋଇ ବର୍ତ୍ତମାନ ସେ ଘରେ ବସିଛନ୍ତି। ତାଙ୍କର ଅଭିଯୋଗ କ୍ରମେ ଖଲ୍ଲିକୋଟ ଥାନାରେ ପୂର୍ବରୁ କେସ ନମ୍ବର ୭୯୧/୦୩.୧୧.୨୦୨୩ ଅନୁଯାୟୀ ଏକ ମାମଲା ରୁଜୁ ହୋଇଛି। ତେବେ ବାପାଙ୍କୁ ହୋଇଥିବା ଆକ୍ରମଣର ପ୍ରତିଶୋଧ ନେବା ପାଇଁ ନିରଞ୍ଜନ ଷଡଯନ୍ତ୍ର ରଚନା କରିଥିଲେ। ଏଥିରେ ସେ ଜିତୁ ଦାସ, ବିଭୁ ଦାସ, ଅଜୟ ଦାସ, ରଞ୍ଜନ ଦାସ, ରବି ଦାସ, ବାବୁ ଦାସ, ପ୍ରକାଶ ଦାସ, ଅଶୋକ ଦାସ ଓ ଅନୀଲ ଦାସ ଓରଫ ପୋଡାଙ୍କୁ ସାମିଲ କରିଥିଲା। ନିଳାଞ୍ଚଳଙ୍କ ଜଣେ ସମ୍ପର୍କୀୟ ଖୋର୍ଦ୍ଧା ଜିଲା ବାଣପୁର ଥାନା ନୂଆଗଡ଼ ଗ୍ରାମର ଗୋଲେଖ ଦାସଙ୍କ ୧୭ ବର୍ଷୀୟ ନାବାଳକ ପୁଅ ସୁଶାନ୍ତ ଦାସ ହରିପୁର ଗ୍ରାମରେ ଚାଲିଥିବା ନାମଯଜ୍ଞ ଦେଖିବାକୁ ଆସିଥିବା ବେଳେ ତାଙ୍କୁ ନିରଞ୍ଜନ ଓ ସାଥିମାନେ ମିଶି ରାଜଘାଇ ନିକଟରୁ ଅପହରଣ କରି ନେଇଥିଲେ। ଉଦ୍ଦେଶ୍ୟ ଥିଲା ଯେତେବେଳେ ନିଳାଞ୍ଚଳଙ୍କ ପରିବାର ଲୋକେ ସୁଶାନ୍ତକୁ ଖୋଜି ଖୋଜି ପାହାଡ ଉପରକୁ ଯିବେ ସେଠାରେ ତାଙ୍କୁ ଜୀବନରୁ ମାରିଦେବା। କିନ୍ତୁ ପାହାଡ଼ ଉପରକୁ କେହି ନ ଯିବାରୁ ତାଙ୍କ ଯୋଜନା ଭଣ୍ଡୁର ହୋଇଥିଲା। ଏହି ରାଗରେ ନିଳାଞ୍ଚଳ ଓ ତାଙ୍କ ଭାଇ ଶୂନ୍ୟ ସୁଶାନ୍ତ ସମ୍ପର୍କରେ ପଚାରିବାକୁ ଯିବା ବେଳେ ନିରଞ୍ଜନ ତାଙ୍କ ଉପରକୁ ବୋମା ପକାଇଥିଲେ। ବୋମା ମାଡ଼ରେ ଉଭୟେ ଗୁରୁତର ଆହତ ହୋଇଥିଲେ। ପୋଲିସ ରବିବାର ୫ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟମାନେ ଫେରାର ଅଛନ୍ତି। ସେମାନଙ୍କ ବିରୋଧରେ ଖଲ୍ଲିକୋଟ ଥାନରେ ନଂ ୮୫୧/୨୦୨୩ ଏବଂ ବିଭିନ୍ନ ଆର୍ମସ ଆକ୍ଟ ଅନୁଯାୟୀ ମାମଲା ରୁଜୁ ହୋଇଛି। ରବିବାର ଖଲ୍ଲିକୋଟ ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକ ସମସ୍ତ ସୂଚନା ଦେଇଥିଲେ।

# ମରୁଡ଼ି ଘୋଷଣା ଦାବିରେ ବିକ୍ଷୋଭ ନିଷ୍ପତ୍ତି

ଦିଗପହଣ୍ଡି, ୨୬।୧୧(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମ ଉନ୍ନୟନ ପରିଷଦ ପକ୍ଷରୁ ସ୍ଥାନୀୟ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଶାନ୍ତ କୁମାର ପାଠୀ ସଭାରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ବୃନ୍ଦାବନ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଗ୍ରାମର ବହୁ ବ୍ୟକ୍ତି ଓ ଚାଷୀ ବୃନ୍ଦ ଉପସ୍ଥିତ ଥିଲେ। ସମ୍ପ୍ରତି ମରୁଡ଼ି ଯୋଗୁଁ ଚାଷୀକୁଳ ମୁଣ୍ଡରେ ହାତଦେଇ ବସିଛନ୍ତି। ସରକାରଙ୍କ ପକ୍ଷରୁ ଜଳ ଉତ୍ସମାନଙ୍କର ରକ୍ଷଣାବେକ୍ଷଣର ଅଭାବ, ଜଳ ବଣ୍ଟନ ବା ପରିଚାଳନାରେ ଅନିୟମିତତା ସାଙ୍ଗକୁ ଗଠନ କରାଯାଇଥିବା ପାଣି ପଞ୍ଚାୟତ ଜଳପରିଚାଳନା କମିଟିଗୁଡିକ ସୁପ୍ତ ଅବସ୍ଥାରେ ଥିବାରୁ ଏହିଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସଭାରେ ମତପ୍ରକାଶ ପାଇଥିଲା। ସରକାର ତୁରନ୍ତ ସମାଧାନ କରିବା ସଙ୍ଗେ ପ୍ରତ୍ୟେକ ଚାଷୀଙ୍କୁ ଜମି ଅନୁପାତରେ ଏକର ପ୍ରତି ଅନ୍ୟୂନ ୨୦ ହଜାର ଟଙ୍କା ଲେଖାଏଁ କ୍ଷତିପୂରଣ, ଋଣ ଛାଡ କରିବା ଆଦି ବିଭିନ୍ନ ସରକାରୀ ସୁବିଧା ଯୋଗାଇଦେବାକୁ ଦାବି କରିଥିଲେ। ଏଣୁ ୨୯ ତାରିଖରେ ଦିଗପହଣ୍ଡି ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ପୂର୍ବକ ସମଗ୍ର ଦିଗପହଣ୍ଡି ଅଞ୍ଚଳକୁ ମରୁଡ଼ି ଘୋଷଣା କରିବା ପାଇଁ ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବାକୁ ସଭାରେ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି।

# ବିଜ୍ଞାନ କଲେଜରେ ଗଣିତ ସେମିନାର



ସେମିନାରରେ ଯୋଗଦେଇଥିବା ଅତିଥିମାନେ।

ଛତ୍ରପୁର, ୨୬।୧୧(ସନ୍ତୋଷ ପାଢ଼ୀ)

ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟର ଗଣିତ ବିଭାଗରେ ଗଣିତର ସାଂପ୍ରତିକ ଉଦ୍ଭାବନ ଶୀର୍ଷକରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ବିଭାଗର ମୁଖ୍ୟ ଆସିଷ୍ଟାଣ୍ଟ ପ୍ରଫେସର ବାଦଲ ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ପ୍ରମୋଦ କୁମାର ତ୍ରିପାଠୀ ଯୋଗ ଦେଇଥିଲେ। ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ. ଅଜିତ କୁମାର ସେଠି ଅତିଥି ପରିଚୟ ଦେବା ସହିତ ଆଲୋଚନାଚକ୍ରକୁ ସୂଚାରୁରୂପେ ସମ୍ପାଦନ କରାଇଥିଲେ। ନିଷ୍ଟ ବିଶ୍ୱବିଦ୍ୟାଳୟ ବ୍ରହ୍ମପୁରରୁ ଗଣିତ ବିଭାଗର ଆସୋସିଏଟ ପ୍ରଫେସର ଡ଼. ବିଷ୍ଣୁକର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ବିଷ୍ଣୁ ଚରଣ ବେହେରା ଶେଷରେ ଧନ୍ୟବାଦ ଜ୍ଞାପନ କରିଥିଲେ । ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ସୁରଜ କୁମାର ଗରଡ, ଦୁର୍ଗାବଳା ଚୁଡୁ ପ୍ରମୁଖ ଆଲୋଚନା ଚକ୍ରରେ ସହଯୋଗ କରିଥିଲେ।

# ମହିଳା ଯୌନ ଉତ୍ପୀଡ଼ନ, ସୁରକ୍ଷା ସଚେତନତା

କୋଦଳା, ୨୬।୧୧(ଅମିତ କୁମାର ପଟ୍ଟନାୟକ)

କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ କୋଦଳା ତାଲୁକା ଆଇନ ସହାୟତା କମିଟି ଆନୁକୂଲ୍ୟରେ ମହିଳା ଯୌନ ଉତ୍ପୀଡ଼ନ ଏବଂ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତାଲୁକା କମିଟି ଅଧ୍ୟକ୍ଷ ତଥା କୋଦଳା ଅତିରିକ୍ତ ଜିଲା ବିଚାରପତି ଚିନ୍ମୟ ଗଛାୟତ, ପ୍ରଥମ ଶ୍ରେଣୀ ବିଚାରପତି ବିମଳ ଲକ୍ଷ୍ମୀ ଚୌଧୁରୀ, ତାଲୁକା କମିଟି ପ୍ୟାନାଲ କମିଟି ସଦସ୍ୟ ସୁବାସ ଚନ୍ଦ୍ର ସାହୁ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଆଦିତ୍ୟ ପ୍ରସାଦ ସାହୁ ପ୍ରମୁଖ ଯୋଗଦେଇ ମହିଳା ଯୌନ ସୁରକ୍ଷା ପାଇଁ ଥିବ ବିଭିନ୍ନ ଆଇନ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଓକିଲ ସଂଘ ଉପସଭାପତି ଅବନୀ ଶଙ୍କର ମିଶ୍ର, ବରିଷ୍ଠ ଆଇନଜୀବୀ ଉଦୟ ନାଥ ପ୍ରଧାନ, ପ୍ରଫୁଲ୍ଲ କୁମାର ମିଶ୍ର, ହର ପ୍ରସାଦ ସାହୁ, ନୀଳାଞ୍ଚଳ ପଲାଇ, ସୋମନାଥ ବେହେରା, ଭାସ୍କର ସ୍ୱାଇଁ, ଶୁଭ୍ରମଣି ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# କେଏସ୍‌ୟୁବି କଲେଜରେ ଏନ୍‌ସିସି ଦିବସ ପାଳିତ


ମୁଖ୍ୟ ଅତିଥି ବିଡିଓଙ୍କୁ ସଭାସ୍ଥଳୀକୁ ପାଛୋଟି ନେଉଛନ୍ତି କ୍ୟାଡେଟ୍‌ମାନେ।

ଭଞ୍ଜନଗର, ୨୬।୧୧(ବାବୁଲା ପ୍ରଧାନ)

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ରବିବାର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନସିସି) ଦିବସ ପାଳିତ ହୋଇଯାଇଛି। ଏନସିସି ଆର୍ମି ୱିଙ୍ଗ ଏବଂ ନାଭାଲ ୱିଙ୍ଗ ପକ୍ଷରୁ ମିଳିତ ଭାବେ ଏହି କାର୍ଯ୍ୟକ୍ରମ ହୋଇଥିଲା। ବିଡିଓ ଶଶୀଭୂଷଣ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏଥିସହ ଏନସିସି ଦିବସର ମହତ୍ୱ ଏବଂ ଏନସିସି କ୍ୟାଡଟମାନଙ୍କ ଭୂମିକା ସମ୍ପର୍କରେ ବିଡିଓ ମହାପାତ୍ର କହିଥିଲେ। ଅଧ୍ୟକ୍ଷା ଆରତିବାଳା ପ୍ରଧାନ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଅବସରପ୍ରାପ୍ତ ସେନା ଅଧିକାରୀ କର୍ଣ୍ଣେଲ ମହେନ୍ଦ୍ର କୁମାର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏନସିସି କ୍ୟାଡଟ୍‌ମାନଙ୍କ ପାଇଁ ଚାକିରି କ୍ଷେତ୍ରରେ ଥିବା ସୁବିଧା ସମ୍ପର୍କରେ କହିଥିଲେ। ଏନସିସି ନାଭାଲ ଅଫିସର ଡଃ ରବିନ୍ଦ୍ର ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସକାଳେ ଅଧ୍ୟକ୍ଷ ରାଜେନ୍ଦ୍ର ଦାସ ଏନସିସି ପତାକାକୁ ଉତ୍ତୋଳନ କରିବା ସହ ଅନୁଷ୍ଠିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏନସିସି ଆର୍ମି ଅଫିସର ଲେଫ୍ଟନାଣ୍ଟ ରଜନୀକାନ୍ତ ତ୍ରିପାଠୀ, ଅଧ୍ୟାପକ ସନାତନ ବେହେରା, ଦୁର୍ଗାପ୍ରସାଦ ସାହୁ, ଡିଇଓ ଅଜିତ କୁମାର ସାହୁ, କର୍ମଚାରୀ ସୁଧୀର ବିଶୋଇ, କାଳି ତ୍ରିପାଠୀ, ପ୍ରସନ୍ନ ପ୍ରଧାନ, ପି. ରମେଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ତେରସ୍ଥାନ ତାଲୁକା ବାଣାୟତ ଓଡ଼ିଆ ସମାଜର ନିର୍ବାଚନ ମହାସଭା


ତେରସ୍ଥାନ ତାଲୁକା ବାଣାୟତ ଓଡିଆ ସମାଜର କର୍ମକର୍ତ୍ତା।

ଛତ୍ରପୁର, ୨୬।୧୧
(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଛତ୍ରପୁର ବ୍ଲକ ଅନ୍ତର୍ଗତ ଗଙ୍ଗାପୁର-୨ ସ୍ଥିତ ବାଣାୟତ ଓଡିଆ ସମାଜର ସ୍ଥାୟୀ କୁଳ ଗୃହ ପ୍ରାଙ୍ଗଣଠାରେ ସମାଜର ନିର୍ବାଚନ ମହାସଭା ଅନୁଷ୍ଠିତ ହୋଇଯାଇଛି। ତାଲୁକାର ସଭାପତି ଦୁର୍ଯ୍ୟୋଧନ ସ୍ୱାଇଁ ପୌରହିତ୍ୟ କରିଥିବା ବେଳେ ନିଖିଳ ଓଡିଶା ବାଣାୟତ ଓଡିଆ କୁଳର ପୂର୍ବତନ ରାଜ୍ୟ ସଭାପତି ବିଭୂତି ଭୂଷଣ ଜେନା କୁଳ ପତାକା ଉତ୍ତୋଳନ କରିଥିଲେ। ରାଜ୍ୟ ସଭାପତି ସନ୍ତୋଷ କୁମାର ନାୟକ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ସଭାପତି ଗନ୍ଧର୍ବ ପ୍ରଧାନ ଯୋଗଦେଇ କୁଳର ସମ୍ବିଧାନ ଓ ଦାୟିତ୍ୱବୋଧ ଉପରେ ବୁଝାଇଥିଲେ। ଅନ୍ୟତମ ଅତିଥି ଭାବେ ଖଲିକୋଟ ତାଲୁକା ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ସାହୁ କୁଳ ଦୀପ ପ୍ରଜ୍ୱଳନ କରିଥିବା ବେଳେ ଜିଲା ସମ୍ପାଦକ ରଙ୍ଗନାଥ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୋଟଲାମପୁର ସରପଞ୍ଚ ନିରଞ୍ଜନ ପ୍ରଧାନ କୁଳ ଇଷ୍ଟଦେବୀ ମା' ନାରାୟଣୀଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ତାଲୁକା ସମ୍ପାଦକ ରବୀନ୍ଦ୍ର ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶେଷରେ ରାଜ୍ୟ ନିର୍ବାଚନ ଅଧିକାରୀ ଉଦୟନାଥ ପ୍ରଧାନଙ୍କ ଦ୍ୱାରା ନିର୍ବାଚନ ସମ୍ପାଦନ ହୋଇଥିଲା। ନୂତନ ସଭାପତି ଭାବେ ଦିବାକର ସ୍ୱାଇଁ, ଉପସଭାପତି ଭାବେ ମହେଶ୍ୱର ପ୍ରଧାନ, କବିରାଜ ପ୍ରଧାନ, ସମ୍ପାଦକ ରବିନ୍ଦ୍ର ସ୍ୱାଇଁ, ସହ ସମ୍ପାଦକ ସନ୍ୟାସୀ ସ୍ୱାଇଁ, ସାଙ୍ଗଠନିକ ସମ୍ପାଦକ ପ୍ରବାସୀ ପ୍ରଧାନ, ଚୁନା ସ୍ୱାଇଁ, କୋଷାଧ୍ୟକ୍ଷ ଲଡୁ କିଶୋର ପେଣ୍ଟେଇ, ସମୀକ୍ଷକ ରଞ୍ଜନ ସେଠୀ ପ୍ରମୁଖ କର୍ମକର୍ତ୍ତା ଚୟନ ହୋଇଥିଲା।

# ବାଇକ୍ ଦୁର୍ଘଟଣାରେ ଆମ୍ବୁଲାନ୍ସ ଚାଳକ ମୃତ

ବେଲଗୁଣ୍ଠା, ୨୬।୧୧ (କୃଷ୍ଣଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ଅଞ୍ଚଳର ଆମ୍ବୁଲାନ୍ସ ଚାଳକ ବିବସ୍ୱ ପରିଛା ବାଇକ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ବିବସ୍ୱ ଦିନ ୧୧ଟା ବେଳେ ଭେଟନଇ ମେଡିକାଲକୁ ଯାଉଥିବା ବେଳେ ଏକ ବାଇକ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଆସିକା ମେଡିକାଲକୁ ପଠାଇଥିଲେ। ପରେ ତାଙ୍କୁ ବ୍ରହ୍ମପୁର ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ କଟକ ନେବା ରାସ୍ତାରେ ତାଙ୍କର ଅବସ୍ଥା ଅତି ଗୁରୁତର ହେବାରୁ ଫାର୍ମାସିଷ୍ଟ ଖୋର୍ଦ୍ଧା ମେଡିକାଲରେ ଆଡମିଟ କରିବାକୁ କହିଥିଲେ। ସେଠାରେ ଚିକିତ୍ସା ଅବସ୍ଥାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଆଖପାଖ ଅଞ୍ଚଳର ସମସ୍ତ ଆମ୍ବୁଲାନ୍ସ ଚାଳକ ଏକତ୍ରିତ ହୋଇ ଏକ ବିରାଟ ଶୋଭାଯାତ୍ରା କରି ବେଲଗୁଣ୍ଠା ଶ୍ମଶାନରେ ସତ୍କାର କରିଥିଲେ।

# ଆନ୍ତଃମହାବିଦ୍ୟାଳୟ ବାସ୍କେଟବଲ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

ବୁଗୁଡ଼ା, ୨୬।୧୧(କାଳୀ ଚରଣ ଦାସ)

ସ୍ଥାନୀୟ ପିପୁଲ୍ଲ କଲେଜର କ୍ରୀଡା ପ୍ରାଙ୍ଗଣରେ ଆୟୋଜିତ ୫୪ତମ ଆନ୍ତଃମହାବିଦ୍ୟାଳୟ ବାସ୍କେଟବଲ୍ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି। ଉକ୍ତ ଟୁର୍ନାମେଣ୍ଟରେ ୭ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚରେ ବ୍ରହ୍ମପୁର ଏମକେସିଜି କଲେଜ ସିଟି କଲେଜ ଦଳକୁ ୫୨-୪୫ ପଏଣ୍ଟରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଆନ୍ତର୍ଜାତୀୟ ସ୍ତରୀୟ ରେଫେରି ରାଜ ନାରାୟଣ ପାତ୍ର ଫାଇନାଲ୍ ମ୍ୟାଚଟିକୁ ପରିଚାଳନା କରିଥିଲେ। ପିପୁଲ୍ଲ କଲେଜର ଆଥଲେଟିକ୍ସ ଆସୋସିଏସନ୍ ପକ୍ଷରୁ ଉପସଭାପତି ସୁଶାନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ଟୁର୍ନାମେଣ୍ଟର ଉଦଯାପନୀ ଉତ୍ସବରେ କଲେଜ ଅଧ୍ୟକ୍ଷ ହରିକୃଷ୍ଣ ନାୟକ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ସୁବାସ ଚନ୍ଦ୍ର ପରିଡା ଏବଂ ସମ୍ମାନିତ ଅତିଥି ଭାବେ ପିପୁଲ୍ଲ କଲେଜ ପରିଚାଳନା ସମିତି ସଭାପତି ରଜନୀକାନ୍ତ ଭଞ୍ଜ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦର କାର୍ଯ୍ୟନିର୍ବାହୀ ସଦସ୍ୟ ଜେ.କାମେଶ୍ୱର ରାଓ ପ୍ରମୁଖ ଯୋଗ ଦେଇଥିଲେ। ବିଜେତା ଏମକେସିଜି କଲେଜ ଦଳକୁ ଚାମ୍ପିୟନ ଟ୍ରଫି ଏବଂ ଉପବିଜେତା ସିଟି କଲେଜ ଦଳକୁ ରନର୍ ଟ୍ରଫି ପ୍ରଦାନ କରାଯାଇଥିଲା। କ୍ରୀଡା ଶିକ୍ଷକ କ୍ରିଷ୍ଣା ରାଓ ପାତ୍ର ଓ ଶ୍ରୀନିବାସ ଦୋରା ପରିଚାଳନା କରିଥିଲେ।

# କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ

ବାଲିଗୁଡା, ୨୬।୧୧
(ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡ଼ା ଗୁଲିମରା ସାହିର ମହାମାୟୀ କବାଡି କ୍ଲବ୍ ଓ ଗ୍ରାମ୍ୟ କମିଟିର ମିଳିତ ସହଯୋଗରେ ଆୟୋଜିତ ଜିଲାସ୍ତରୀୟ କବାଡି ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି।

ମହାମାୟୀ କବାଡି କ୍ଲବର ମୁଖ୍ୟ ସୁବାଷ ଚନ୍ଦ୍ର ପାତ୍ର, ଦଣ୍ଡପାଣି ବେହେରା, ଭୀମସେନ ବିନ୍ଧାଣିଙ୍କ ନେତୃତ୍ୱରେ ଆୟୋଜିତ ଏହି କବାଡି ପ୍ରତିଯୋଗିତାରେ ସମୁଦାୟ ୨୪ଟି ଦଳ ଅଂଶଗ୍ରହଣ କରିଥିଲେ। ୨୪ ଟି ଦଳ ମଧ୍ୟରୁ କ.ନୂଆଗାଁ ବ୍ଲକର ଗୁମାପଦର ଓ ବାଲିଗୁଡା ବ୍ଲକର ବାରଖମା କବାଡି ଦଳ ଫାଇନାଲକୁ ପ୍ରବେଶ କରିଥିଲା। ଫାଇନାଲ ମ୍ୟାଚ ପୂର୍ବରୁ ଏକ ବନ୍ଧୁତ୍ୱପୂର୍ଣ୍ଣ ମହିଳା କବାଡି ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପରେ ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ବାରଖମା ଦଳ ବିଜୟୀ ହୋଇଥିବା ବେଳେ ଗୁମାପଦର ଦଳ ଉପବିଜେତା ହୋଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବାଲିଗୁଡ଼ା ଏନ୍ଏସି ଅଧ୍ୟକ୍ଷ ଲୋକନାଥ ପାଢ଼ୀ, ସମ୍ମାନିତ ଅତିଥି ଭାବେ ବାଲିଗୁଡ଼ା ବିଧାୟକ ପ୍ରତିନିଧି ଅବନୀକାନ୍ତ ନାୟକ, ନିତୁ ନାୟକ, ସୁଜିତ କୁମାର ପାଳ, ପ୍ରମୋଦ କୁମାର ଦଣ୍ଡସେନା ପ୍ରମୁଖ ଯୋଗଦେଇଥିଲେ।

ବିଜୟୀ ଦଳକୁ ଟ୍ରଫି ସହ ନଗଦ ୧୪ ହଜାର ଟଙ୍କା ଓ ଉପ ବିଜେତା ଦଳକୁ ଟ୍ରଫି ସହ ନଗଦ ୧୧ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏଥିରେ ରେଫରି ଭାବେ କ୍ରୀଡ଼ା ଶିକ୍ଷକ ଦିଲୀପ ଏବଂ ରାହୁଲ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ଶୁକଦେବ, ବୁଡୁ, ଦୁର୍ଗା, ସମୀରଙ୍କ ସମେତ ମହାମାୟୀ କବାଡି କ୍ଲବର ସମସ୍ତ ସଦସ୍ୟ ଓ ସାହି ବାସିନ୍ଦାମାନେ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, ୨୬।୧୧(ଗିରିଧାରୀ ପରିଛା)


ଜଣେ ଛାତ୍ରୀଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି।

ଗଜପତି ଜିଲା ପାରଳାଖେମୁଣ୍ଡି ନିକଟସ୍ଥ ଝାମି ଗ୍ରାମରେ 'ଆମ ଓଡ଼ିଶା ନବୀନ ଓଡିଶା' କାର୍ଯ୍ୟକ୍ରମ ଅନୁଯାୟୀ ସ୍ଥାନୀୟ ମହିଳା ସ୍ନାତକ ମହାବିଦ୍ୟାଳୟର ଛାତ୍ରୀ ଏବଂ ସାମାଜିକ ବିକାଶ କାର୍ଯ୍ୟକ୍ରମର ଟିମ ପହଞ୍ଚି ଏକ ସଭା ଆୟୋଜନ କରିଥିଲେ। ଅଧ୍ୟକ୍ଷା ଡ଼.ରୀନା ସାହୁଙ୍କ ନେତୃତ୍ୱରେ ମହାବିଦ୍ୟାଳୟର ଶତାଧିକ ଛାତ୍ରୀ, ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ଏକ ଶୋଭାଯାତ୍ରାରେ ଝାମି ଗ୍ରାମ ପଞ୍ଚାୟତରେ ପହଞ୍ଚିଥିଲେ। ପ୍ଲାଷ୍ଟିକମୁକ୍ତ ପରିବେଶ, ଦୂଷିତ ଜଳର ପ୍ରଭାବ, ବାଲ୍ୟବିବାହ ବିରୋଧ, ବାଲ୍ୟ ଶ୍ରମ ବିରୋଧ ଆଦି ବିଭିନ୍ନ ସମ୍ପର୍କରେ ନାରାବାଜି ଦେଇ ଗ୍ରାମ ପରିକ୍ରମା କରିଥିଲେ। ଏହାପରେ ଗ୍ରାମ ପଞ୍ଚାୟତ ଠାରେ ଏକ ସାଧାରଣ ସଭା ଆୟୋଜନ କରାଯାଇଥିଲା। ମୁଖ୍ୟ ଉନ୍ନୟନ ଅଧିକାରୀ ଡ. ଗୁଣନିଧି ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଳିକାମାନେ କିଭଳି ଦୁଇ କୁଳର ଉଦ୍ଧାର କରିଥାନ୍ତି ଉଦାହରଣ ମାଧ୍ୟମରେ ବୁଝାଇ ଥିଲେ। ସେହିଭଳି ଜିଲା କିଶୋର ନ୍ୟାୟ ପରିଷଦର ସଦସ୍ୟା ଭାଗ୍ୟଲକ୍ଷ୍ମୀ ନାୟକ ମଧ ବାଲ୍ୟବିବାହ, କିଶୋରୀଙ୍କ ଅଧିକାର, ବଳାତ୍କାର ଜନିତ ସମସ୍ୟା ବିଷୟରେ ବକ୍ତବ୍ୟ ରଖିଥିଲେ। ଜିଲା ପରିମଳ ଅଧିକାରୀ ସୁନୀଲ କୁମାର ମଧ ପ୍ଲାଷ୍ଟିକର ବ୍ୟବହାର କେତେ ବିପଦ ବୁଝାଇଥିଲେ। ନୋଡାଲ ଅଧିକାରୀ ଡ.ଭାରତୀ ପାଣିଗ୍ରାହୀ ଉପସ୍ଥିତ ଗ୍ରାମବାସୀଙ୍କୁ ତେଲୁଗୁରେ ଶିକ୍ଷା ତଥା ଲିଙ୍ଗ ଭେଦଭାବ ନୀତିରୁ ଦୂରେଇ ରହିବାକୁ କହିଥିଲେ।

Business

# ସ୍ଲାସ୍‌ର ୧୧ତମ ସଂସ୍କରଣ

ଭୁବନେଶ୍ୱର,୨୬।୧୧

ଆକ୍ସିସ୍ ବ୍ୟାଙ୍କର ବହୁ ପ୍ରତୀକ୍ଷିତ ତଥା ବାର୍ଷିକ ସର୍ବଭାରତୀୟ ପ୍ରତିଯୋଗିତା 'ସ୍ଲାସ୍'ର ୧୧ତମ ସଂସ୍କରଣର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ୭ରୁ ୧୪ବର୍ଷ ବୟସର ପିଲାମାନଙ୍କ ପାଇଁ କଳା, ହସ୍ତଶିଳ୍ପ ଏବଂ ସାହିତ୍ୟ ଆଦି ଉପରେ ଉପରୋକ୍ତ ପ୍ରତିଯୋଗିତାର ଆୟୋଜନ କରାଯାଇଛି। ଏପରିକି ଚଳିତ ବର୍ଷ ସ୍ଲାସ୍‌ର ବିଷୟବସ୍ତୁ 'କରୁଣା' ରହିଛି, ଯାହା ନୂଆ ପିଢ଼ି ଭିତିରେ ଦାନ ଭାବନା ଜାଗ୍ରତ କରିବ। ଉଲ୍ଲେଖଯୋଗ୍ୟ, ୨୦୨୩ ଡିସେମ୍ବର ୩୧ ପର୍ଯ୍ୟନ୍ତ ପ୍ରତିଯୋଗୀମାନେ ସେମାନଙ୍କର ଆବେଦନ ଅନ୍‌ଲାଇନ ମାଧ୍ୟମରେ ଦାଖଲ କରିପାରିବେ। ଏ ସମ୍ପର୍କରେ ଆକ୍ସିସ୍ ବ୍ୟାଙ୍କର ମୁଖ୍ୟ ମାର୍କେଟିଂ ଅଫିସର ଅନୁପ ମନୋହର କହିଛନ୍ତି, ସ୍ଲାସ୍‌ର ୧୧ତମ ସଂସ୍କରଣର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଚଳିତ ବର୍ଷ 'କରୁଣା' ବିଷୟବସ୍ତୁ ଆମର ବ୍ରାଣ୍ଡ୍ ଦର୍ଶନ 'ଓପନ'ରୁ ଉତ୍ପନ୍ନ ହୋଇଛି, ଯାହାର ଉଦ୍ଦେଶ୍ୟ ବ୍ୟାଙ୍କିଙ୍ଗ୍ ଏବଂ ବ୍ୟବସାୟ ବ୍ୟତିରେକେ ସମ୍ପ୍ରଦାୟ ସହିତ ଜଡ଼ିତ ହେବା। ଅପରପକ୍ଷରେ ଉକ୍ତ ପ୍ରତିଯୋଗିତାର ବିଜେତାଙ୍କୁ ହାମ୍‌ଲେଜ,ଫେବର କ୍ୟାସଲ ଓ ବୋଟ୍ ଭଳି ଅଂଶୀଦାରଙ୍କଠାରୁ ୧ଲକ୍ଷ ଟଙ୍କାର ବୃତ୍ତି, ଆକର୍ଷଣୀୟ ଓ ଇଲେକ୍ଟ୍ରୋନିକ୍ ଉପକରଣ ପ୍ରଦାନ କରାଯିବ।

# ରେଟର୍ନ କାର୍ଯ୍ୟାଳୟ ଉଦ୍‌ଘାଟିତ

ଭୁବନେଶ୍ୱର,୨୬।୧୧ (ଅଭୟ ଦାଶ)

ଓଡ଼ିଶା ବୁଣାକାରମାନଙ୍କର ସର୍ବବିଧ ଉନ୍ନତି ତଥା ରାଜ୍ୟ ସରକାରଙ୍କ ବୟନ, ହସ୍ତତନ୍ତ ଓ ହସ୍ତଶିଳ୍ପର ପ୍ରଚାର ଓ ପ୍ରସାର ପାଇଁ ରିଟାୟର୍ଡ ଟେକ୍ସଟାଇଲ ଅଫିସର୍ସ ରି-ନାଟିଭ(ରେଟର୍ନ)ର ରାଜ୍ୟ କାର୍ଯ୍ୟାଳୟ ଶନିବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରେଟର୍ନ ପକ୍ଷରୁ ଭୁବନେଶ୍ୱରର ରୋଟାରି ଭବନଠାରେ ଏକ ଉଦ୍‌ଘାଟନୀ ସଭାର ଆୟୋଜନ କରାଯାଇଥିଲା। ଏହି ଅବସରରେ ପଞ୍ଚାୟତିରାଜ ବିଭାଗର ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ କାର୍ଯ୍ୟାଳୟର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂସ୍ଥାର ସମସ୍ତ ବୈଷୟିକ କର୍ମଚାରୀଙ୍କ ସମେତ ସେଦ୍ରା ଫିଲ୍‌ଟ୍ରେସନ ପ୍ରାଇଭେଟ ଲିଃର ପରିଚାଳନା ନିର୍ଦ୍ଦେଶକ ମୁକେଶ ନାୟକ ମୁଖ୍ୟବକ୍ତା ରୂପେ ଯୋଗଦେଇଥିବାବେଳେ ଗ୍ରାଣ୍ଟ ଥରଣ୍ଟନ ଭାରତ ଏଲ୍‌ଏଲ୍‌ପିର ଅଂଶୀଦାର ମନୋଜ ଖରବ ଓ ବୟନ, ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗର ଅତିରିକ୍ତ ସଚିବ ବିକ୍ରମାଦିତ୍ୟ ବାରିକ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦାନ କରିଥିଲେ। ଉକ୍ତ ଉତ୍ସବରେ ରାଜ୍ୟର ସମସ୍ତ ଅବସରପ୍ରାପ୍ତ ବୟନ ବୈଷୟିକ କର୍ମକର୍ତ୍ତାମାନେ ଯୋଗଦାନ କରିଥିଲେ। ଅପରପକ୍ଷରେ ରେଟର୍ନର ସଭାପତି ଇଂ. ଅନନ୍ତପଦ ଦାସ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ସାଧାରଣ ସମ୍ପାଦକ ଡ. ସୁଦର୍ଶନ ବେହେରା ସଂସ୍ଥାର ଆଭିମୁଖ୍ୟ ଓ କାର୍ଯ୍ୟକଳାପ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ସେହିଭଳି ବୟନଶିଳ୍ପ ଓ ପୋଷାକ ପ୍ରସ୍ତୁତି କ୍ଷେତ୍ରରେ ଉଲେଖନୀୟ ଅବଦାନ ପାଇଁ ସଂସ୍ଥାର ସଦସ୍ୟ ଇଂ. ରାମକୃଷ୍ଣ ମେହେର, ଇଂ.ଉମାକାନ୍ତ ରାଉତ ଏବଂ ବରିଷ୍ଠ ଉଦ୍ୟୋଗୀ ସୀମା ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା।

# ଏନ୍‌ଟୋଡ୍‌ର ସ୍ୱତନ୍ତ୍ର ଅଭିଯାନ

ଭୁବନେଶ୍ୱର,୨୬।୧୧

ଦେଶର ପ୍ରମୁଖ ଘରୋଇ ସ୍ୱାସ୍ଥ୍ୟଭିତ୍ତିକ କମ୍ପାନୀ ଏନ୍‌ଟୋଡ୍ ଫାର୍ମାସ୍ୟୁଟିକାଲ୍ସର ନୂତନ ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଚଳିତ ବର୍ଷର ଜାତୀୟ ମାୟୋପିଆ ସପ୍ତାହ ପାଇଁ କମ୍ପାନୀ ମାତାନନ୍ଦ ଫାଉଣ୍ଡେଶନ ସହିତ ମିଳିତ ଭାବେ କାର୍ଯ୍ୟ କରୁଛି। ଏପରିକି ଷ୍ଟ୍ରାବିସମ୍ସ ଓ ପେଡିଆଟ୍ରିକ ଚକ୍ଷୁ ଚିକିତ୍ସା ସୋସାଇଟି ଅଫ୍ ଇଣ୍ଡିଆର ସହଯୋଗରେ ମାତାନନ୍ଦ ଫାଉଣ୍ଡେଶନ ଦ୍ୱାରା ଏକ ଜନସଚେତନତା କାର୍ଯ୍ୟକ୍ରମର ଆୟୋଜନ ପାଇଁ କମ୍ପାନୀ ଲକ୍ଷ୍ୟ ରଖିଛି। ଏ ସମ୍ପର୍କରେ ଏନ୍‌ଟୋଡ୍ ଫାର୍ମାସ୍ୟୁଟିକାଲ୍ସର ସିଇଓ ନିଖିଳ କହିଛନ୍ତି, ନ୍ୟାଶନାଲ ମାୟୋପିଆ ସପ୍ତାହ ପାଇଁ ମାତାନନ୍ଦ ଫାଉଣ୍ଡେଶନ ସହ ସହଯୋଗ ପିଲାମାନଙ୍କ ଚକ୍ଷୁକୁ ସୁରକ୍ଷିତ ରଖିବା ଲାଗି ଆମର ପ୍ରତିବଦ୍ଧତାକୁ ସୂଚିତ କରୁଛି। ଏପରିକି ମାୟୋପିଆ ଏକ ପରିଚାଳନା ଯୋଗ୍ୟ ଅବସ୍ଥା, ଯାହାକୁ ଉପଯୁକ୍ତ ସମୟରେ ପରୀକ୍ଷାକରି ବ୍ୟବସ୍ଥା ଗ୍ରହଣ କରିପାରିବା।








































































